## ସମାଜ

## ତାରିଖ:୨୬.୦୮.୨୦୨୩

# ବିଆଇଆଇଟିଏମ୍‌ରେ ସ୍ୱାଗତ ଉତ୍ସବ



ଭୁବନେଶ୍ୱର, ୨୫।୮ (ନି.ପ୍ର): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନଫରମେସନ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜ୍‌ମେଣ୍ଟ ଷ୍ଟଡିଜ୍‌ର ସମ୍ମିଳନୀ କକ୍ଷରେ ନବାଗତ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସ୍ୱାଗତ ନିମନ୍ତେ ସ୍ୱାଗତ ଉତ୍ସବ ସ୍ୱାର୍କ-୨୦୨୩ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ ଉତ୍ସବକୁ ଉଦ୍‌ଘାଟନ କରି ନୂତନ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନର ଶୈକ୍ଷିକ ବାତାବରଣ, ଶୃଙ୍ଖଳା ଏବଂ ଶିକ୍ଷାଦାନ ବିଷୟରେ ସୂଚନା ଦେଇଥିଲେ । ମୁଖ୍ୟବକ୍ତା ପ୍ରଫେସର ମୃତ୍ୟୁଞ୍ଜୟ ସୁଆର, ମହାନିର୍ଦ୍ଦେଶକ(ଗବେଷଣା ଓ ବିକାଶ) କିଟ୍ ବିଶ୍ୱବିଦ୍ୟାଳୟ ଶିକ୍ଷାଦ୍ୱାରା ଜୀବନର ସଫଳତା ମାର୍ଗ ବିଷୟରେ ବର୍ଣ୍ଣନା କରିଥିଲେ । ମୁଖ୍ୟ ଅତିଥି ଓ.ୟୁ.ଟି.ଆର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥଲେ । ପ୍ଲେସେମେଣ୍ଟ ମୁଖ୍ୟ କେ. ଚନ୍ଦ୍ରଶେଖର ଭାବପ୍ରବଣ ଓ ପ୍ରେରଣାଦାୟକ ଜ୍ଞାନ ଉପରେ ଆଲୋକପାତ କରିଥିଲେ । ଡ. ପ୍ରଜ୍ଞା ମହାପାତ୍ର ଓ ଶର୍ମିଳା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।